**ଓଡ଼ିଶା ଡ୍ରାଇଭର ମହାସଂଘ ମୋ ପରିବାର ପକ୍ଷରୁ ସମାବେଶ**

**ନୀଳଗିରି,(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଯୋଧା ପଡ଼ିଆରେ ଓଡ଼ିଶା ଡ୍ରାଇଭର ମହାସଂଘ ମୋ ପରିବାର ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ମାସ ଧରି ରାଜ୍ୟ ସରକାର ଡ୍ରାଇଭରମାନଙ୍କ ପାଇଁ କୌଣସି ସୁବିଧା ଦେଇନାହାନ୍ତି। ଏଥିପାଇଁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଦଣ୍ଡ ପ୍ରଣାମ କରି ନବୀନ ନିବାସ ଯିବେ ବୋଲି ମହାସଂଘର ସଦସ୍ୟ ହରିହର ଘଡ଼େଇ ପ୍ରକାଶ କରିଛନ୍ତି। ସମାବେଶରେ ଡ୍ରାଇଭରମାନଙ୍କର ପରିବାର ଲୋକେ ସାମିଲ ହୋଇଥିଲେ। ବାଲେଶ୍ୱର ଜିଲା ସଭାପତି, ଉପସଭାପତି ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ସାମ୍ୟବାଦୀ ପାଠଚକ୍ର। ସ୍ଥାନ: ଶ୍ରମିକ ଭବନ, ନୂଆବଜାର, ସମୟ: ଅପରାହ୍ନ ୪ଟା।
- ୪୦ତମ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ସୁନହଟ, ସମୟ: ସନ୍ଧ୍ୟା ୬ଟା।

**ଭୋଗରାଇ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୋଗରାଇ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ରୂପ୍‌ସା**
- ୨୦୧ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ, ସ୍ଥାନ:ବୃନ୍ଦାବନପୁର, ଦରଡ଼ା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବଚନ ସଭା, ସମୟ: ସନ୍ଧ୍ୟା ୬ଟା।

# ଦେଶ ବିକାଶରେ ଦୁର୍ନୀତି ବାଧକ

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

**କେନ୍ଦୁଝର,୬।୧୧(ସ୍ୱ.ପ୍ର./ଡି.ଏନ୍.ଏ)**

ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏହା ଦେଶର ବିକାଶରେ ବାଧକ ସାଜିଥାଏ। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମାଜର ସମସ୍ତ ଜନସାଧାରଣ ସଚେତନ ହେବା ଦରକାର। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଶନିବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ସଚେତନତା ସମାରୋହରେ ଅତିଥି ଭାବେ ଯୋଗେ ଦେଇ ଏସ୍‌ପି ମିତ୍ରଭାନୁ ମହାପାତ୍ର ଏହି ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାର ଦୁର୍ନୀତି ନିବାରଣ ପାଇଁ ଯେଉଁ ନୀତି ଓ ନୈତିକତା ଆଧାରରେ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହା ଉଲ୍ଲେଖନୀୟ। ଅନ୍ୟତମ ଅତିଥି ଭାବେ ଡିଏଫ୍‌ଓ ଧନରାଜ ଏଚ୍.ଡି. ନିଜ ବକ୍ତବ୍ୟରେ କହିଥିଲେ ଯେ, ସମ୍ପ୍ରତି ଦୁର୍ନୀତିର କାୟା ଚାରିଆଡ଼େ ବ୍ୟାପିଯାଇଛି, ଯାହାକି ସମାଜ ଓ ଦେଶ ପାଇଁ କ୍ଷତିକାରକ। ବାଲେଶ୍ୱର ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ମହେଶ୍ୱର ସେଠୀ କହିଥିଲେ, ଦୃଢ଼ ଇଚ୍ଛାଶକ୍ତି, ମାନସିକତା ଓ ଆନ୍ତରିକତା ହେଉଛି ଦୁର୍ନୀତି ବିରୋଧ ଲଢ଼େଇରେ ମୁଖ୍ୟ ଅସ୍ତ୍ର। ଏତଦ୍ ବ୍ୟତୀତ ଭିଜିଲାନ୍ସ ବିଭାଗର କାର୍ଯ୍ୟାବଳୀ ଓ ସଫଳତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଭାରପ୍ରାପ୍ତ ଡିଏସ୍‌ପି ଭିଜିଲାନ୍ସ ଦୈତାରୀ ଘଡ଼ାଇ ପ୍ରମୁଖ ନିଜ ବକ୍ତବ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପୂର୍ବରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇନ୍ସପେକ୍ଟର ଭିଜିଲାନ୍ସ ହେମାମାଳିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ ସର୍ବେଶ୍ୱର ସାହୁ, ଧୃବିନ୍ଦ୍ର ପାତ୍ର, ମଳୟ ବାରିକ, ଉପେନ୍ଦ୍ର ମହାନ୍ତ, ରାଜଶ୍ରୀ ଷଡ଼ଙ୍ଗୀ, ହରେକୃଷ୍ଣ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଜିଲାପାଳ ଆଶିଷ୍ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ସପ୍ତାହ ବ୍ୟାପୀ ଚାଲିଥିବା ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ସମାପନ ହୋଇଥିଲା ।



ସଭାରେ ଉପସ୍ଥିତ ଅତିଥିମାନେ।

# ଚନ୍ଦ୍ରଗ୍ରହଣ ପାଇଁ ବନ୍ଦ ରହିବ ଦିଅଁ ଦର୍ଶନ

**ଆଖଣ୍ଡଳମଣି ମନ୍ଦିରରେ ନୀତିକାନ୍ତି ଚୂଡ଼ାନ୍ତ**

**ଆରଡ଼ି,୬।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଚନ୍ଦ୍ରଗ୍ରହଣ ପାଇଁ ଆସନ୍ତା ମଙ୍ଗଳବାର ନୀତିକାନ୍ତି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ଦ୍ୱାରା ଚୂଡ଼ାନ୍ତ ହୋଇଛି। ସକାଳ ୫ ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହିବ। ଭକ୍ତମାନେ ଏହି ସମୟରେ ଦିଅଁ ଦର୍ଶନ କରିବାରୁ ବଞ୍ଚିତ ହେବେ। ପୀଠରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ, ଏହିଦିନ ସକାଳ ୫ଟା ୫୪ରୁ ପାକତ୍ୟାଗ ଥିବାରୁ ସୋମବାର ରାତି ୨ଟାରୁ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯିବ। ପରେ ବାବା ଆଖଣ୍ଡଳମଣିଙ୍କୁ ମହାସ୍ନାନ ସହ ଜଳାଭିଷେକ ଓ ଘର୍ଷଣ ଲାଗି କରାଯାଇ ବାଲ୍ୟଭୋଗ ଅର୍ପଣ କରାଯିବ। ଭୋର ୪ଟା ୧୫ରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ଖେଚୁଡ଼ି ଅନ୍ନନୀତି ଲାଗି ହେବ। ଗ୍ରହଣ ସର୍ବମୋକ୍ଷ ସନ୍ଧ୍ୟା ୬ଟା ୨୬ରେ ହେଉଥିବାରୁ ସେତେବେଳ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହିବ। ସର୍ବମୋକ୍ଷ ପରେ ବାବାଙ୍କୁ ମହାସ୍ନାନ, ପଞ୍ଚାନନ ବେଶ, ବଡ଼ ଅନ୍ନନୀତି ଭୋଗ ଅର୍ପଣ ପରେ ହରଗୌରୀ ବେଶରେ ସଜ୍ଜିତ କରାଯିବ। ପରେ ଷୋଡ଼ଶ ଉପଚାର ପୂଜା କରାଯାଇ ବାଟୁଳାନୀତି ସମ୍ପନ୍ନ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ବାବା ଆଖଣ୍ଡଳମଣି ମନ୍ଦିର।

## ଜାତୀୟ ପତାକା ଉପରେ ପାଦ ରଖିବାକୁ କେନ୍ଦ୍ର କରି ଉତ୍ତେଜନା

ସିମୁଳିଆ, ୬।୧୧(ଡି.ଏନ.ଏ.)-ଜାତୀୟ ପତାକା ଉପରେ ପାଦ ରଖି ଟ୍ରକର ଆଗ କାଚ ସଫା କରୁଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଅପରାହ୍ନରେ ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ପ୍ରାୟ ୩ କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ମଞ୍ଜୁରୀପୁର ନିକଟରେ ଥିବା ଏକ ଢାବାରେ ଅଟକି ରହିଥିବା ଟ୍ରକ (ନଂ. ଆରଜେ୧୪ଜିଏଲ୍-୦୪୧୪) ବନେଟରେ ଲାଗିଥିବା ଜାତୀୟ ପତାକା ଉପରେ ଚଢ଼ି ଟ୍ରକ ଚାଳକ ଗାଡି କାଚ ସଫା କରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ବିରୋଧ କରିଥିଲେ। ପରେ ଜରି ଷ୍ଟିକରରେ ଲାଗିଥିବା ଜାତୀୟ ପତାକା ଜରିକୁ ଚିରି କଢ଼ାଯାଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

# ସମୂହ ପଦଯାତ୍ରା, ସ୍ୱଚ୍ଛତା ଅଭିଯାନ

**ପିଏକ୍ସଇର ପ୍ରତିଷ୍ଠା ଦିବସ**

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପିଏକ୍ସଇର ୧୨୮ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ଏହି ଅବସରରେ ଏକ ସମୂହ ପଦଯାତ୍ରା ଏବଂ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ପିଏକ୍ସଇର ନିର୍ଦ୍ଦେଶକ ତଥା ବୈଜ୍ଞାନିକ ଡିକେ ଯୋଶୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉଭୟ ମନୁଷ୍ୟ ଜୀବନ ପାଇଁ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ।

ଲେଫ୍ଟନାଣ୍ଟ କର୍ଣ୍ଣେଲ ଗୁଣାକର ବାରିକଙ୍କ ନେତୃତ୍ୱରେ ପଦଯାତ୍ରୀମାନେ ବାଲେଶ୍ୱର ଷ୍ଟେଶନଛକସ୍ଥିତ ପିଏକ୍ସଇ କାର୍ଯ୍ୟାଳୟ ପରିସରରୁ ବାହାରି ଆଇଟିଆଇ ଛକ, ସେଣ୍ଟ୍ରାଲ ସ୍କୁଲ ଛକ ଦେଇ ବାଲେଶ୍ୱର ରେଲୱେ ଷ୍ଟେଶନ ନିକଟରେ ପହଞ୍ଚିଥିଲେ। ଷ୍ଟେଶନ ରୋଡ଼ରେ ସ୍ୱଚ୍ଛତା ଅଭିଯାନ ସମ୍ପନ୍ନ ହୋଇଥିଲା। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାରାରୋପଣ ଏବଂ ରକ୍ତଦାନ ଶିବିର ପରି ସାମାଜିକ କାର୍ଯ୍ୟକ୍ରମଗୁଡ଼ିକ ଅନୁଷ୍ଠିତ ହୋଇଥିବା ବୈଜ୍ଞାନିକ ଡ. ହିମାଂଶୁ ଶେଖର ପଣ୍ଡା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ କର୍ଣ୍ଣେଲ ସୁମନ ଦତ୍ତ, ବୈଜ୍ଞାନିକ ଅର୍କଦେବ ବାନାର୍ଜୀ, ରତ୍ନାକର ସତୁଆ ମହାପାତ୍ର, ସନ୍ତୁ ଚକ୍ରବର୍ତ୍ତୀ ଓ ପିଏକ୍ସଇର ୱାର୍କସ୍ କମିଟି ସମସ୍ତ ସଦସ୍ୟ ପରିଚାଳନା କରିଥିବା ବେଳେ ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



ପ୍ରତିଷ୍ଠା ଦିବସ ଅବସରରେ ସଫେଇ କରାଯାଉଛି।

## ଗାଁରେ ପହଞ୍ଚିଲା ଯୁବ ଇଞ୍ଜିନିୟରଙ୍କ ମୃତଦେହ

**ତାମିଲନାଡୁରେ ଘଟିଥିଲା ଦୁର୍ଘଟଣା**

**କେନ୍ଦୁଝର/କଣ୍ଟିପାଳ ( ସ୍ୱ.ପ୍ର./ ଡି.ଏନ.ଏ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ କଣ୍ଟିପାଳ ମଠସାହି ଗ୍ରାମର ଯୁବ ଇଞ୍ଜିନିୟର ଜଗଦିପ୍ ରାଉତ୍‌ଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଗତ ଶୁକ୍ରବାର ତାମିଲନାଡୁରେ ତାଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ମୃତଦେହ ରବିବାର ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ଏୟାରପୋର୍ଟକୁ ଅଣା ଯାଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା। ଶାଳବଣି ଛକ ନିକଟରୁ ସ୍ଥାନୀୟ ଯୁବକମାନେ ମୃତଦେହକୁ ଶୋଭାଯାତ୍ରାରେ ନିଜ ଗାଁ କଣ୍ଟିପାଳ ମଠସାହିକୁ ନେଇଥିଲେ। ଶୋକାକୁଳ ପରିସରରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଜିଲାସ୍ତରୀୟ କଳା ଉତ୍ସବ

**ବାରିପଦା ଅଫିସ,୬।୧୧**

ବାରିପଦାର ଭଞ୍ଜପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଅଭିଯାନ ମୟୂରଭଞ୍ଜ ଆନୁକୂଲ୍ୟରେ କଳା ଉତ୍ସବ-୨୦୨୨-୨୩ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବାଳିକା ଓ ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଯୋଗଦେଇ କଳା ହେଉଛି ମଣିଷର ଅନ୍ତର୍ନିହିତ ଗୁଣ। ଏହାର ବିକାଶ ହେଲେ ମଣିଷ ନିଜକୁ ଦୁନିଆରେ ପ୍ରତିଷ୍ଠିତ କରିପାରିବ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଉତ୍ସବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟର ନବମରୁ ଦଶମ ଶ୍ରେଣୀର ୮୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ଲୋକ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ପାରମ୍ପରିକ ଯନ୍ତ୍ର ସଙ୍ଗୀତ, କଣ୍ଢେଇ ପ୍ରସ୍ତୁତି, ଚିତ୍ରକଳା ଓ ହସ୍ତକଳାରେ ଭାଗ ନେଇ ନିଜର କଳାକୃତି ପ୍ରଦର୍ଶନ କରିଥିଲେ। ୨୦ଜଣ କୃତୀ ପ୍ରତିଯୋଗୀ ଆସନ୍ତା ୧୧ରେ ଜୋନାଲସ୍ତରରେ ବାଲେଶ୍ୱରଠାରେ ହେବାକୁ ଥିବା କଳା ଉତ୍ସବରେ ଭାଗ ନେବେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ଡ.ପ୍ରଶାନ୍ତ କୁମାର ମହାନ୍ତି ଓ ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମିନର୍ଭା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ରେମୁଣା କୃଷକସାଥୀ ସଂଘ ଗଠିତ
## ହରିହର ସଭାପତି, ମନୋଜ ସମ୍ପାଦକ

ରେମୁଣା, ୬।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକର ସମସ୍ତ କୃଷକସାଥୀଙ୍କୁ ନେଇ କ୍ଷୀରଚୋରା ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସ୍ଥାୟୀ ରେମୁଣା କୃଷକସାଥୀ ସଂଘ ଗଠନ କରାଯାଇଛି। ଉକ୍ତ ସଂଘର ସ୍ଥାୟୀ ସଭାପତି ଭାବେ ହରିହର ପରିଡ଼ା, କାର୍ଯ୍ୟବାହୀ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ଉପସଭାପତି ହରେକୃଷ୍ଣ ଗିରି, ସମ୍ପାଦକ ମନୋଜ କୁମାର ନାୟକ, ସହ-ସମ୍ପାଦକ ପ୍ରମିଳା ବେହେରା, କୋଷାଧ୍ୟକ୍ଷ ଉଦୟ କୁମାର ଦେଙ୍କୁ ମନୋନୀତ କରାଯାଇଥିବା ବେଳେ ଶକ୍ତିସ୍ୱରୂପ ପାତ୍ର, ବିରେନ୍ଦ ବିଶ୍ୱାଳ, ବିଜୟ କୁମାର ବେହେରାଙ୍କୁ ସାଧାରଣ ସଭ୍ୟ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ରେମୁଣା ବ୍ଲକର ୩୬ଟି ପଞ୍ଚାୟତକୁ ୮ଟି ଜୋନ୍‌ରେ ଭାଗ କରାଯାଇଥିବା ବେଳେ ପ୍ରତ୍ୟେକ ଜୋନ୍‌କୁ ଜଣେ ଜଣେ କୃଷକସାଥୀଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ଜିଲାର ସଦର ବ୍ଲକରୁ ପ୍ରଶାନ୍ତ ପରିଡ଼ା, ବାହାନଗା ବ୍ଲକରୁ ମୁକ୍ତିକାନ୍ତ ପାଣିଗ୍ରାହୀ ଏବଂ ବସ୍ତା ବ୍ଲକରୁ ସମୀର ପ୍ରଧାନ ଉପସ୍ଥିତ ରହି ସଂଘ ଗଠନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ପାଟଣାର ୨ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଉନ୍ନୀତ

**ଶିଶୁ ମହୋତ୍ସବ ସୁରଭି-୨୦୨୨**

**ପାଟଣା,୬।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଶନିବାର କେନ୍ଦୁଝର ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟଣା ବ୍ଲକ୍ ଅଞ୍ଚଳର ୨ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ପାଟଣା ମୁଖ୍ୟାଳୟ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ତନ୍ମୟ ଶତପଥୀ ସିନିୟର ଗ୍ରୁପ୍ ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ବ୍ଲକ୍ ଅଧୀନ ରାଜନଗର ହାଇସ୍କୁଲର ଛାତ୍ରୀ ହରପ୍ରିୟା ସେଠୀ ଚିତ୍ରାଙ୍କନରେ ଓ ପେଣ୍ଟିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ ନଭେମ୍ବର ୧୪ରୁ ଆରମ୍ଭ ହେଉଥିବା ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବିଇଓ ପାଟଣା ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ପାଟଣା ଏବିଓ ସଚିଦାନନ୍ଦ ସେଠୀ, ସାହାରପଡ଼ା ଏବିଓ ଦୟାନିଧି ପାତ୍ର ଓ ତେଲକୋଇ ଏବିଓ କମଳ ବିଶ୍ୱାଳ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ପ୍ରାଣୀ ଚିକିତ୍ସା ଶିବିର

ମୋରଡ଼ା,୬।୧୧(ଡି.ଏନ.ଏ)- ମୋରଡ଼ା ବ୍ଲକ ନୂଆଝାଳିଆ ପଞ୍ଚାୟତ ଭୁରୁଙ୍ଗାସୋଲ ଗ୍ରାମରେ ରିଲାଏନ୍ସ ଫାଉଣ୍ଡେସନ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ମୟୂରଭଞ୍ଜର ମିଳିତ ଉଦ୍ୟମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୨୫୦ରୁ ଗୋରୁ, ଛେଳିମେଣ୍ଢା ଓ କୁକୁଡ଼ାଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ନ ହେବାପାଇଁ ଟିକାକରଣ କରାଯାଇଥିଲା। ବିଭିନ୍ନ ପ୍ରକାର ରୋଗ ଯଥା ଥଣ୍ଡା, ଜ୍ୱର, ଚର୍ମରୋଗ, କ୍ଷତ, ବଥ, କୁର୍ମୀ ରୋଗର ଚିକିତ୍ସା ଓ ଗର୍ଭ ପରୀକ୍ଷା କରାଯାଇଥିଲା। ସେହି ଗ୍ରାମର ପ୍ରାଣୀପାଳକମାନଙ୍କୁ ସେମାନଙ୍କ ପ୍ରାଣୀମାନଙ୍କ ପାଇଁ ମିନେରାଲ ମିକଚର ଓ ଭିଟାମିନ ଦିଆଯାଇଥିଲା। ରିଲାଏନ୍ସ ଫାଉଣ୍ଡେସନର ଜିଲା ସଂଯୋଜକ ଦିଲୀପ ପ୍ରଧାନ ସହଯୋଗ କରିଥିଲେ।

## ଷଣ୍ଢ ବିକ୍ରି ବନ୍ଦ ନେଇ ଫାଣ୍ଡିରେ ଅଭିଯୋଗ

ବାହାନଗା, ୬।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲା ଷଣ୍ଢମାନଙ୍କୁ କେତେଜଣ ଅସାମାଜିକ ଯୁବକମାନେ ଧରି ବେପାରୀମାନଙ୍କୁ ବିକ୍ରି କରୁଥିବା ନେଇ ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଏଥିରେ ଷଣ୍ଢ ବିକ୍ରି ବନ୍ଦ କରିବା ପାଇଁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ନିବେଦନ କରିଛନ୍ତି। ସାହାସପୁରା ଗ୍ରାମର କେତେଜଣ ଗୋରୁ ବ୍ୟବସାୟୀ ବିଭିନ୍ନ ଗ୍ରାମରୁ ବୁଲା ଷଣ୍ଢମାନଙ୍କୁ କିଣି ବାଲେଶ୍ୱର ଓ ବାସୁଦେବପୁରରୁ ଆସୁଥିବା ବଡ ବଡ ବେପାରୀମାନଙ୍କୁ ବିକ୍ରି କରିଦେଉଥିବା ଅଭିଯୋଗ ହୋଇଛି।

# ୮ରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

**ବାଲେଶ୍ୱର ଅଫିସ, ୬।୧୧**

ବାଲେଶ୍ୱର ଜିଲାରେ ଆସନ୍ତା ୮ ତାରିଖଠାରୁ ଭାରତ ଯୋଡ଼ ଯାତ୍ରା ଆରମ୍ଭ ହେବ। ଏନେଇ ରବିବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ସୂଚନା ଦେଇଛନ୍ତି।

ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀରୁ କଶ୍ମୀର ଯାଏ ଚାଲିଥିବା ଭାରତଯୋଡ଼ ଯାତ୍ରାର ଓଡ଼ିଶା ସଂସ୍କରଣ ଗତ ୩୧ ଅକ୍ଟୋବରରୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା ଆସନ୍ତା ନଭେମ୍ବର ୮ ତାରିଖରେ ଭଦ୍ରକ-ବାଲେଶ୍ୱର ସୀମା ରାଣୀତାଲଠାରେ ଜିଲାକୁ ପ୍ରବେଶ କରିବ। ବାଲେଶ୍ୱରରେ ପ୍ରବେଶ କରିବା ପରେ ସୋର, ବାହାନଗା ଅତିକ୍ରମ କରି ୯ତାରିଖ ସନ୍ଧ୍ୟାରେ କୁରୁଡ଼ାଠାରେ ରାତ୍ରିବିଶ୍ରାମ କରିବେ। ୧୦ ତାରିଖରେ ଭାରତ ଯୋଡ଼ ଯାତ୍ରାର ବିଶ୍ରାମ ଦିବସ ଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ପଟ୍ଟନାୟକ ଜିଲାର ବିଭିନ୍ନ ଧର୍ମାନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁଣି ୧୧ତାରିଖରେ କୁରୁଡ଼ା ଛକଠାରୁ ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରି ଅପରାହ୍ନରେ ଯାତ୍ରା ରେମୁଣା ଗୋଲେଇ ଦେଇ ନହରପାଟଣା ଛକ ପର୍ଯ୍ୟନ୍ତ ଯିବ। ଶେଷରେ କଳମାଠାରେ ମୟୂରଭଞ୍ଜକୁ ପ୍ରବେଶ କରିବ। ପ୍ରଦେଶ କଂଗ୍ରେସ ସଭାପତିଙ୍କ ସହ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଡ. ଏ ଚେଲ୍ଲା କୁମାର ମଧ୍ୟ ଏଥିରେ ଯୋଗଦେବେ। ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ପ୍ରଦେଶ କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ସଭାପତି ବିକାଶ ଦାସ, ଜିଲା କଂଗ୍ରେସ ଉପ ସଭାପତି ଗୋପୀନାଥ ପାଢ଼ୀ, ଜିଲା ସଂଖ୍ୟାଲଘୁ କଂଗ୍ରେସ ଅଧ୍ୟକ୍ଷ ଏସ୍‌କେ ଅସଗର ଅଲ୍ଲୀ, ରାଜ୍ୟ ସଂଖ୍ୟାଲଘୁ କଂଗ୍ରେସ ସମ୍ପାଦକ ଏସ୍‌କେ ଭୋଲା ଓ ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କର୍ମକର୍ତ୍ତା।

**ସିଆର୍‌ସିସିଙ୍କୁ ଆକ୍ରମଣ ଘଟଣା**

## ଏତଲା ପ୍ରତ୍ୟାହାର କଲେ ପ୍ରଧାନଶିକ୍ଷକ

**ରୂପ୍‌ସା, ୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପ୍ରାଥମିକ ବିଦ୍ୟାଳୟରେ ମନିଟରିଂ ବେଳେ ସିଆର୍‌ସିସି ଅନୀଲ କୁମାର ପାତ୍ରଙ୍କୁ ଗତ ଅକ୍ଟୋବର ୩୧ରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ସେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଲେସନ୍ ଡାଏରୀ ମାଗିବା ସହ ନିୟମିତ କ୍ଲାସ ନେବା ଓ ଠିକ୍ ସମୟରେ ବିଦ୍ୟାଳୟକୁ ଆସିବା ଓ ଯିବା ପାଇଁ ତାଗିଦ୍ କରିଥିଲେ। ପ୍ରଧାନଶିକ୍ଷକ ବଳରାମ ବେହେରା ଓ ଶିକ୍ଷୟିତ୍ରୀ ମିନତୀ ସୋରେନ୍ ସିଆର୍‌ସିସିଙ୍କୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସିଆର୍‌ସିସି ପାତ୍ର ସ୍କୁଲ ପରିଚାଳନା କମିଟି ସଭାପତି, ସରପଞ୍ଚ ଓ ବିଇଓ ଲଳାଟେନ୍ଦୁ କେଶରୀ ଜେନାଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ ବିଭାଗୀୟ ଅଧିକାରୀଙ୍କୁ ନ ଜଣାଇ ପ୍ରଧାନଶିକ୍ଷକ ବେହେରା ସିଆର୍‌ସିସିଙ୍କ ଦ୍ୱାରା ଶିକ୍ଷୟିତ୍ରୀ ସୋରେନ ଆହତ ହୋଇଥିବା ଥାନାରେ ଏତଲା ଦେଇଥିଲେ। ଶନିବାର ବିଇଓଙ୍କ କାର୍ଯ୍ୟାଳୟରେ ପ୍ରଧାନଶିକ୍ଷକ ଓ ସିଆର୍‌ସିସିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ବିଇଓ ଜେନା, ଏବିଇଓ ବିଜୟ କୁମାର ଜେନା, ସିଆର୍‌ସିସି ଉମେଶ ଚନ୍ଦ୍ର ବାରିକ ଓ ପ୍ରଶାନ୍ତ କୁମାର ଦାସ, ଏସ୍‌ଟି ଶିକ୍ଷକ ସଂଘ ସଭାପତି ନାରାୟଣ କିସ୍କୁ, ଶିକ୍ଷକ ଅଶୋକ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ଅନୁସୂୟା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ବେହେରା ଏତଲା ପ୍ରତ୍ୟାହାର କରିବେ ବୋଲି ଲିଖିତ ଭାବେ ଜଣାଇ ଥାନା ଦ୍ୱାରସ୍ଥ ହୋଇଥିଲେ।

# କେନ୍ଦୁଝରରେ ଭାରତ ଯୋଡ଼ୋ ଯାତ୍ରା ପ୍ରସ୍ତୁତି

**କେନ୍ଦୁଝର,୬।୧୧(ସ୍ୱ.ପ୍ର.)**

ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ଦେଶରେ କନ୍ୟାକୁମାରୀଠାରୁ ଜାମ୍ମୁକଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ ଯାତ୍ରା କରୁଛନ୍ତି। ଏହି କ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ ମଧ୍ୟ ସାରା ରାଜ୍ୟରେ ଭାରତ ଯୋଡ଼ ଯାତ୍ରା ଆରମ୍ଭ କରିଛି। ଆସନ୍ତା ୧୪ ତାରିଖ ଅପରାହ୍ନରେ ମୟୂରଭଞ୍ଜ ଜିଲାରୁ ଆସୁଥିବା ଯାତ୍ରାକୁ କେନ୍ଦୁଝର ଜିଲାରେ ଦୁବୁଳୁଙ୍ଗାଠାରେ ସ୍ୱାଗତ କରାଯିବା ପାଇଁ ସ୍ଥିର ହୋଇଛି। ୧୫ରେ କେନ୍ଦୁଝର ସହରରେ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଶନିବାର ଜିଲା କଂଗ୍ରେସ ସଭାପତି ବିପ୍ଲବ ମିଶ୍ର କହିଛନ୍ତି। ଏ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ଭାରତ ଯୋଡ଼ ଯାତ୍ରା ଜିଲା ସଂଯୋଜକ ଉତ୍ତମ ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲା କଂଗ୍ରେସ ଉପସଭାପତି ବସନ୍ତ ଦାସ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ବାଘେଲ, ଜିଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ବୀରବର ମହାନ୍ତ, ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ସୁଢ଼ଳ ସେଠୀ, ପୂର୍ବତନ ଲୋକସଭା ପ୍ରାର୍ଥୀ ମୋହନ ହେମ୍ବ୍ରମ, ବିଧାୟକ ପ୍ରାର୍ଥୀ ବିନୋଦ ନାଏକ, ପାଟଣା ବ୍ଲକ୍ କଂଗ୍ରେସ ସଭାପତି ଶତ୍ରୁଘନ ସିଂହ, ସାହାରାପଡ଼ା ବ୍ଲକ୍ କଂଗ୍ରେସ ସଭାପତି ମୁକୁନ୍ଦ ଚରଣ ମହାନ୍ତ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରାରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେବାକୁ ଜିଲା ସଭାପତି ଅନୁରୋଧ କରିଛନ୍ତି।

# ଶୀତଳଭଣ୍ଡାର ବନ୍ଦ, ପରିବା ଚାଷୀ ନିରାଶ

**ସୋର, ୬।୧୧(ଡି.ଏନ.ଏ.)**

ଚଳିତବର୍ଷ ରବି ଋତୁରେ ପରିବା ଚାଷ ପାଇଁ ପ୍ରତି ଚାଷୀଙ୍କୁ ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ୪ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ଗତ ଜୱାଦ ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଏଥର ସୋର ବ୍ଲକର ୬୭୬ ଚାଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଜଣ ପିଛା ୧୫୦୦ଟଙ୍କାର ଉନ୍ନତମାନର ମଞ୍ଜି ମାଗଣାରେ ପ୍ରଦାନ କରାଯାଇଛି। ଏଥିରେ ଟମାଟୋ, ବାଇଗଣ, ବନ୍ଧା ଓ ଫୁଲକୋବି କିସମର ମଞ୍ଜି ରହିଛି। ଚାଷ ପରେ ଗୋଟିଏ ଗୋଟିଏ ପଞ୍ଚାୟତରୁ ଶହ ଶହ ଟନ୍ ପରିମାଣର ଗୋଟିଏ ପ୍ରକାର ପରିବା ଅମଳ ହେବ। ହେଲେ ସ୍ଥାନୀୟ ବଜାରରେ ଏହା ଉଚିତ୍ ମୂଲ୍ୟରେ ବିକ୍ରିବଟା ହେବା ଅସମ୍ଭବ। ଏତେ ପରିମାଣର ପରିବା ଅମଳ ପରେ ସୁରକ୍ଷିତ ରଖିବା ଲାଗି ଶୀତଳଭଣ୍ଡାର ଆବଶ୍ୟକ ଥିବା ବେଳେ ୨୦୧୮ରେ ନାବାର୍ଡ ସହାୟତାରେ ସୋରରେ ପ୍ରାୟ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଶୀତଳଭଣ୍ଡାର ଏବେ ବୈଷୟିକ ଓ ଆର୍ଥିକ କାରଣରୁ ବନ୍ଦ ରହିଛି। ଏତେ ପରିମାଣର ପରିବା ଅମଳ ପରେ ଚାଷୀ ଉତ୍ପାଦନର ଉଚିତ୍ ମୂଲ୍ୟ ନ ପାଇବା ଆଶଙ୍କାରେ ରହିଛି।

ବ୍ଲକର ୨୪ଟି ପଞ୍ଚାୟତର ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ବେଳେ ପ୍ରତି ପଞ୍ଚାୟତର ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ କେବଳ ଗୋଟିଏ ପ୍ରକାର ମଞ୍ଜି ପ୍ରଦାନ କରାଯାଇଛି। ଏବେ ଏହି ମଞ୍ଜି ଚାରା ପକା କାର୍ଯ୍ୟ ପ୍ରାୟ ସରିଥିବା ବେଳେ ବିଶେଷକରି ଧାନ ଅମଳ ପରେ ଚାରାରୋପଣ ହେବ ବୋଲି ଜଣାପଡିଛି। ହେଲେ ସାମୟିକ ଭାବେ ସରକାରୀସ୍ତରରେ ଆର୍ଥିକ ପ୍ରୋତ୍ସାହନ ପରେ ବି ଚାଷ କରିବାକୁ ଯଥେଷ୍ଟ ଅଧିକ ଅର୍ଥର ଆବଶ୍ୟକତା ପଡୁଛି। ଚାଷୀଙ୍କ ଦ୍ୱାରା ଉତ୍ପାଦିତ ପରିବାକୁ ସୁରକ୍ଷିତ ରଖିବା ପାଇଁ ସରକାର ପ୍ରାୟ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମିନି ଶୀତଳଭଣ୍ଡାର କରିବାକୁ ଉଦ୍ୟୋଗୀଙ୍କୁ ସବ୍‌ସିଡି ଦେଇ ବି ଅଦ୍ୟାବଧି ସଫଳ ହୋଇପାରିନାହାନ୍ତି। ଏହି ଯୋଜନାରେ ସୋରରେ କେବଳ ଜଣେ ମାତ୍ର ଚାଷୀ ଉଦ୍ୟାନ ବିଭାଗରେ ଆବେଦନ କରିଥିବା ବେଳେ ଏହାର କାର୍ଯ୍ୟକାରିତା ନେଇ ସନ୍ଦେହ ଉପୁଜିଛି।

## ମଦ ବେପାରୀ ଗିରଫ

**ଗୋପବନ୍ଧୁନଗର, (ଡି.ଏନ.ଏ.):** ବେଆଇନ ମଦ କାରବାର ଅଭିଯୋଗରେ ବଡ଼ସାହି ଥାନା ଅନ୍ତର୍ଗତ ଅସ୍ତୁଝରଣ ଗ୍ରାମର କଟି ସିଂଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ କଟି ଡୁକୁରା ଫାଣ୍ଡି ଅଧୀନ ମୁଚିଆସାହି ସାପ୍ତାହିକ ହାଟକୁ ମଦ ବିକ୍ରି କରିବାକୁ ନେଉଥିବା ବେଳେ ଅଙ୍ଗାର କୁଣ୍ଡିଆଠାରେ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୦ ଲିଟର ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୩୦୮/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ବାହାନଗା, ୬।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଜାଗେଶ୍ୱରପଦାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ସରସ୍ୱତୀ ସଂକୁଳସ୍ତରୀୟ ଶିଶୁ ବାଟିକା ପ୍ରମୁଖ ମଧୁସ୍ମିତା ବିଶ୍ୱାଳ ଯୋଗଦେଇ ଶିଶୁମାନେ ପାଠ ପଢ଼ା ପ୍ରତି କିପରି ମନୋନିବେଶ କରିବେ ସେ ନେଇ ପରାମର୍ଶ ଦେଇଥିଲେ। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ସୁଦର୍ଶନ ମହାଲିକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅନନ୍ତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଶିଶୁବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ସରୋଜିନୀ ସ୍ୱାଇଁ ମା'ମାନଙ୍କର କର୍ମଶାଳାରେ ଯୋଗଦାନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ପରେ ଉପସ୍ଥିତ ମା'ମାନଙ୍କ ଏକ କ୍ରିୟାକଳାପ ଉପରେ ପର୍ଯ୍ୟାଲୋଚନା କରାଯାଇ ତାହା ଉପରେ ମଧ ଏକ ହସ୍ତକର୍ମ କରିଥିଲେ। ବିଦ୍ୟାଳୟର ବୌଦ୍ଧିକ ପ୍ରମୁଖ ସ୍ମୃତିସଙ୍ଗୀତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ବିନୋଦ କୁମାର ଧନ୍ୟବାଦ ଦେଇଥିଲେ।

### ଟାଉନ୍‌ହଲକୁ ଧରଣୀଧରଙ୍କ ନାମରେ ନାମିତ ଦାବି

ଚମ୍ପୁଆ,୬।୧୧(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଟାଉନ୍‌ହଲକୁ ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ କରିବାକୁ ପୁଣି ଥରେ ଦାବି ଦୋହରାଇଛି ଭୂୟାଁ ସାଂସ୍କୃତିକ ସଂଗଠନ। ଏ ନେଇ ୧୦ ନଂ. ୱାର୍ଡ ସଭାଗୃହଠାରେ ସଭାପତି ବିଭିଷଣ ନାଏକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସଭାପତି ବିଲେଶ୍ୱର ନାଏକ, ସହସମ୍ପାଦକ ଶୁକଦେବ ନାଏକ ଓ ବିକ୍ରମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅଶୋକ ନାଏକ ପରିଚାଳନା କରିଥିବା ବେଳେ ଶତାଧିକ ଭୂୟାଁ ସମ୍ପ୍ରଦାୟର ମହିଳା ପୁରୁଷ ଯୋଗ ଦେଇଥିଲେ। ଚମ୍ପୁଆ ଟାଉନ୍‌ହଲକୁ ମହାନ ବିପ୍ଳବୀଙ୍କ ନାମରେ ନାମିତ କରିବାକୁ ପୂର୍ବରୁ ଉପଖଣ୍ଡ ପ୍ରଶାସନ ଓ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

### ଦୁର୍ଘଟଣାରେ ଗୁରୁତର ପ୍ରଧାନଶିକ୍ଷକଙ୍କ ପରଲୋକ

ପାଟଣା,୬।୧୧(ସ୍ୱ. ପ୍ର.): ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ପୁରନ୍ଦରପୁର ୟୁପି ସ୍କୁଲର ପ୍ରଧାନଶିକ୍ଷକଙ୍କ ଶନିବାର ରାତିରେ ପରଲୋକ ଘଟିଛି। ବୁଢ଼ିକାପୁଡ଼ି ଗ୍ରାମର ଶିକ୍ଷକ ପ୍ରଫୁଲ୍ଲ ମହାନ୍ତ ଗତ ୧୪ ତାରିଖରେ ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରି ୪୯ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ପାଟଣା ବ୍ଲକ୍ ପୁରନ୍ଦରପୁର ୟୁପି ଏମଇ ସ୍କୁଲ୍‌ର ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜନ ପରିଡ଼ା, ସମ୍ପାଦକ କମଳାକାନ୍ତ ପତି, ପ୍ରମୋଦ ମହାନ୍ତ, ଜ୍ୟୋର୍ତିମୟ ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ୧୫୧/୨୨ ରେ ଏକ ମାମଲା ରୁଜୁ ହୋଇଛି।

# 'ଝିଅ ହସିଲେ ଗପ, କାନ୍ଦିଲେ କବିତା'

**ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ**

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)



-ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀରେ ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଓ ଅତିଥିମାନେ।

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଦ୍ରକ ମହିଳା ମହାବିଦ୍ୟାଳୟଠାରେ ରବିବାର ଏକଦିବସୀୟ ରାଜ୍ୟସ୍ତରୀୟ ଲେଖିକା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏଥିରେ ପୌରୋହିତ୍ୟ କରି ଭଦ୍ରକ ଜିଲାର ସାରସ୍ୱତ ସାଧିକାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ପ୍ରଫେସର ଗିରିବାଳା ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ସରୋଜିନୀ ସାହୁ ଯୋଗଦେଇ କହିଲେ, ଝିଅଟିଏ ହସିଲେ ଗପ, କାନ୍ଦିଲେ କବିତା ହୋଇଥାଏ। ଲେଖିକା କେବେ ବି ନାରୀବାଦୀ ନୁହେଁ, ସେ ସର୍ବଦା ମାନବବାଦୀ। ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସେ କଲମ ଧରିଥାଏ। ଲେଖିକା ତା'ର ନିର୍ଭିକ ସ୍ୱରରେ ନିଦ୍ରିତ ଈଶ୍ୱରଙ୍କ ନିଦ ଭାଙ୍ଗି ସାମାଜିକ ପରିବର୍ତ୍ତନର ସ୍ୱର ଶୁଣାଇଥାଏ ବୋଲି ସେମାନେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକା ଗୋଲାପ ମଞ୍ଜରୀ କର ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏକାଡେମୀ ସଦସ୍ୟ ପବିତ୍ର ପାଣିଗ୍ରାହୀ ଅତିଥି ପରିଚୟ ଓ ପୂର୍ଣ୍ଣଚନ୍ଦ୍ର ବହଳି ସ୍ୱାଗତ ସମ୍ଭାଷଣ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ 'ଲେଖିକାଙ୍କ ଲେଖନୀରେ ସାମାଜିକ ପରିବର୍ତ୍ତନର ସ୍ୱର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏକାଡେମିର କାର୍ଯ୍ୟକାରୀ କମିଟି ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କା, ବିଦ୍ୟୁତ୍‌ଲତା ଦାସ, ଡ. ରାଧାରାଣୀ ମହାପାତ୍ର ସମ୍ମାନିତ ନୀୟ ଅତିଥି ଏବଂ ବୀଣାପାଣି ପଣ୍ଡା, ପ୍ରୀତିଲତା ପଣ୍ଡା ସମ୍ମାନିତ ଆଲୋଚିକା ଭାବେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଝରଣା ପଟ୍ଟନାୟକ, ବସନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରାଧାପିକା ଅନିତା ଦଳାଇ, ଆଭାମୟୀ ମହାପାତ୍ର, ମନୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୁଡୁମୀ ମହାସମାରୋହ



ସମାବେଶରେ ମଞ୍ଚାସୀନ ଅତିଥି।

ସାରସକଣା,୬।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଧାନଘୋରୀ ନିକଟସ୍ଥ ବଡ଼ଚାଟରା ପଡ଼ିଆରେ କୁଡୁମୀ ସେନା ପକ୍ଷରୁ ବାନ୍ଦନା ପର୍ବ ଉପଲକ୍ଷେ ମହା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ରାଜକୁମାରୀ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଯୋଗଦେଇଥିଲେ। ଅତିଥିଙ୍କୁ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ସଂଗୀତ ଏବଂ ନୃତ୍ୟ ସହ ସ୍ୱାଗତ କରାଯାଇଥିଲା। ଝାରପୋଖରିଆ ସମିତି ସଭ୍ୟା ସସ୍ମିତା ମହାନ୍ତ, ପତଳୀ ନନ୍ଦ, ଝାଡ଼ଖଣ୍ଡ କୁଡୁମୀ ସେନାର ମିଡିଆ ପ୍ରଭାରୀ ଓମ୍ ପ୍ରକାଶ ମାହାତ, କୁଡୁମୀ ସଂସ୍କୃତି ବିକାଶ ସମିତି ଝାଡ଼ଖଣ୍ଡ ସଭାପତି ସପନ ମାହାତ, କୁଡୁମୀ ସେନା ଝାଡ଼ଖଣ୍ଡ ସଭାପତି ଲାଲଟୁ ମାହାତ ପ୍ରମୁଖ ମଞ୍ଚାସୀନ ଥିଲେ। କୁଡୁମୀସେନା ଓଡ଼ିଶା ସଭାପତି ଜୟମୁନି ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଯୋଗଦେଇଥିଲେ। ବିଶ୍ୱନାଥ ମହାନ୍ତ, କୁବେର ମହାନ୍ତ, ପ୍ରଶାନ୍ତ ମହାନ୍ତ, ସୀତେଶ ମହାନ୍ତ, ସାଇରାମ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରାଜେନ୍ଦ୍ରଙ୍କ ଭାତୃ ବିୟୋଗ

**ଭଦ୍ରକ ଅଫିସ, ୬।୧୧:** ଧାମନଗର ଉପନିର୍ବାଚନ ଭୋଟ ଗଣତି ଚାଲିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ବଡ଼ଭାଇ ମନୀନ୍ଦ୍ର ଦାସ (୫୬)ଙ୍କ ରବିବାର ମଧ୍ୟାହ୍ନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି କ୍ୟାନ୍‌ସରରେ ପୀଡ଼ିତ ଥିଲେ। ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ତିହିଡ଼ି ବ୍ଲକ କାଁପଡ଼ା ଗ୍ରାମରେ ଥିବା ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସନ୍ଧ୍ୟାରେ ରାଜେନ୍ଦ୍ର ଓ ପରିବାରବର୍ଗଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଛି।

### ସୂର୍ଯ୍ୟୋପରାଗରେ ହେତୁବାଦୀଙ୍କ ବିରିୟାନୀ ଖାଇବା ପ୍ରସଙ୍ଗ
## ଘଣ୍ଟଘଣ୍ଟା ବଜାଇ ପ୍ରତିବାଦ କରିବାକୁ ଆହ୍ୱାନ

**ବାରିପଦା ଅଫିସ,୬।୧୧:** ସୂର୍ଯ୍ୟୋପରାଗରେ ହେତୁବାଦୀ ସଙ୍ଗଠନ ବିରିୟାନୀ ଖାଇବା ପ୍ରସଙ୍ଗକୁ ନେଇ ରାଜ୍ୟ ମଠମନ୍ଦିର ସେବାୟତ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରାଯିବ ବୋଲି ଘୋଷଣା କରାଯାଇଛି। ଏ ନେଇ ବାରିପଦା ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସନାତନ ଧର୍ମ ଭାବନାକୁ କୁଠାରଘାତ କରୁଥିବା ହେତୁବାଦୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ସେହିପରି ଚନ୍ଦ୍ର ଗ୍ରହଣରେ ପୁଣି ବିରିୟାନୀ ଖାଇବା ନେଇ ହେତୁବାଦୀ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରତିବାଦରେ ରାଜ୍ୟର ପ୍ରତି ମନ୍ଦିର ସମ୍ମୁଖରେ ସନ୍ଧ୍ୟାରେ ସେବାୟତଙ୍କ ଦ୍ୱାରା ଘଣ୍ଟଘଣ୍ଟା ବଜାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ଯେଉଁ ସ୍ଥାନରେ ହେତୁବାଦୀମାନେ ଏପରି କାର୍ଯ୍ୟକ୍ରମ କରିବେ ସେହି ଅଞ୍ଚଳରେ ମଧ ଏହାର ପ୍ରତିବାଦ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ନିୟମ ଉଲ୍ଲଙ୍ଘନ କରି ସ୍କୁଲ ହତାରେ ଭଲିବଲ ଟୁର୍ନାମେଣ୍ଟ

ଜଳେଶ୍ୱର, ୬।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟର ଗେଟ୍ ତାଲା ଭାଙ୍ଗି କେତେକ ଯୁବଗୋଷ୍ଠୀ ବିଦ୍ୟାଳୟ ହତା ମଧ୍ୟରେ ଭଲିବଲ୍ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଏହାକୁ ବିରୋଧ କରି ଅଭିଭାବକ ଓ ଗ୍ରାମବାସୀ ସ୍କୁଲ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ରବିବାର ବିଦ୍ୟାଳୟ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ନାମ୍ପୋ ଗ୍ରାମର କେତେଜଣ ଯୁବକ ବିଦ୍ୟାଳୟ ତାଲା ଭାଙ୍ଗି ଓ ବାଡ କାଟି ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରିଥିଲେ। ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଲାଗି ଟେଣ୍ଟ ବାନ୍ଧିବା ସହ ରାତିରେ ମ୍ୟାଚ ଲାଗି ଉଜ୍ଜଳ ଲାଇଟ୍ ଲଗାଇଥିଲେ ।

**୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କଲେ ଅଭିଭାବକ**

ଏ ସମ୍ପର୍କରେ ଗ୍ରାମବାସୀ ଫୋନ୍ ଯୋଗେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ବିଶେଷ କାମରେ ବାହାରେ ଥିବାରୁ ଓ ସ୍କୁଲରେ ରାତ୍ରୀ ଜଗୁଆଳି ନ ଥିବାରୁ ଏ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଓ ଅଭିଭାବକମାନେ ସ୍ଥାନୀୟ ପୋଲିସ, ସ୍କୁଲ ଉଚ୍ଚ କର୍ତ୍ତୃପକ୍ଷ ଓ ଉପଜିଲାପାଳଙ୍କୁ ଏନେଇ ଅବଗତ କରାଇଛନ୍ତି। ବେଆଇନ ଖେଳ ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ୧୫ତାରିଖରୁ ବିଦ୍ୟାଳୟ ସମ୍ମୁଖରେ ଅନଶନ ଧର୍ମଘଟରେ ବସିବେ ବୋଲି ଗୋପାଳକୃଷ୍ଣ ଜେନା, ନିର୍ମାଲୋଚନ ଭୂୟାଁ, କମଳାକାନ୍ତ ପ୍ରମାଣିକ, ଅକ୍ଷୟ ଜେନା, କମଳଲୋଚନ ଦାସ, ସେକ୍ ଅବଦୁଲ ସାଦ୍ଦିକ, ସେକ୍ ଇନ୍‌ତାଜ, ହରିଶଙ୍କର ମାହାଳିକ, କାଦଲ ହେମ୍ବ୍ରମ ପ୍ରମୁଖ ବହୁ ଗ୍ରାମବାସୀ ୫ଟି ସଚିବ, ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଆଇଆଇସି, ଏସ୍‌ଡିପିଓ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ ମହାନ୍ତି କହିଛନ୍ତି, ଶନିବାର ସ୍କୁଲ ବନ୍ଦ ହେବା ପରେ ଗେଟ୍‌ରେ ତାଲା ପକାଇ ଆସିଥିଲେ । ସେ କିମ୍ବା ଜିଲା ଶିକ୍ଷାଧିକାରୀ କୌଣସି ସଙ୍ଗଠନ କିମ୍ବା ବ୍ୟକ୍ତିବିଶେଷଙ୍କୁ ସ୍କୁଲ ହତା ମଧ୍ୟରେ ଖେଳ ଲାଗି ଅନୁମତି ଦେଇ ନ ଥିବା କହିଛନ୍ତି।

## ଆଞ୍ଚଳିକ କ୍ରୀଡା

### ଦେଉଳଡିହାକୁ ହରାଇ ଦୋବଲାପାଳ ବିଜୟୀ

ତେଲକୋଇ,୬।୧୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ମୁଖ୍ୟାଳୟ ହାଲପୋଡ଼ି ଗ୍ରାମ ଖେଳପଡ଼ିଆଠାରେ ମା' ନାଗପାଟ ସ୍ପୋର୍ଟସ କ୍ଲବ୍ ହାଲପୋଡ଼ି ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ରବିବାର ଦୋବଲାପାଳ ଏକାଦଶ ଓ ଦେଉଳଡ଼ିହା ଏକାଦଶ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସମାନସ୍ତର ରହିବା ଫଳରେ ପେନାଲ୍ଟି ଶୁଟ୍‌ଆଉଟରେ ଦୋବଲାପାଳ ଏକାଦଶ ଚାମ୍ପିୟନ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଧନୁର୍ଜୟ ସିଦୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ତେଲକୋଇ ସରପଞ୍ଚ ରଶ୍ମିତା ନାୟକ, ସମିତି ସଭ୍ୟ ରଙ୍ଗାଧର ଓରାମ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଖେଳକୁ ରେଫରୀ ଭାବେ ସଞ୍ଜୟ ବେହେରା, ଯଯାତି ସାହୁ(ଲିପୁ), ହୃଷିକେଶ ମହାନ୍ତ, ଚିନ୍ମୟ ସାହୁ, ଜୟନ୍ତ ବେହେରା ଓ ଉମେଶ ନାୟକ ପରିଚାଳନା କରିଥିଲେ। ମା' ନାଗପାଟ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଆନନ୍ଦପୁର ଲାୟନ୍ସ ଚାମ୍ପିୟନ


ଅତିଥିମାନଙ୍କ ସହ କ୍ରୀଡାବିତ୍।

ଢେଙ୍କିକୋଟ,୬।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଛୋଟରାୟପୁର ମା' ତାରିଣୀ ସ୍ପୋର୍ଟିଂ କ୍ଲବ୍‌ର ୨୦ତମ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରର ୩୨ ଟିମ୍ ଅଂଶ ଗ୍ରହଣ କରିଥିଲେ। ରବିବାର ଆନନ୍ଦପୁର ଲାୟନ୍ସ ସହିତ ଏନ୍. ଆଇ. ସି ତ୍ରିପୁରା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଆନନ୍ଦପୁର ଲାୟନ୍ସ ୨.୦ରେ ଗୋଲ ଦେଇ ବିଜୟୀ ହୋଇଥିଲା। ରାଜ୍ୟସ୍ତରୀୟ ରେଫରୀ ପ୍ରକାଶ ସାୟାଁ, ଆନ୍ଦିରାସ କାଣ୍ଡିଲିନା, କାଳନ୍ଦୀ ମୁର୍ମୁ, ବିନୋଦ ହନାଗା, ପପୁ ବାସ୍କେ ଓ ସୁନୀଲ ଟୁଡୁ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଘଟଗାଁ ବ୍ଲକ ୮ ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ରଣଜିତ୍ ନାୟକ, ମୁଖ୍ୟ ବକ୍ତା ଭାବେ ସଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ମୁକୁନ୍ଦପୁର ପାଟଣା ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ଦେହୁରୀ, ଛଳଚିତ୍ର ଅଭିନେତ୍ରୀ ଦେବଜାନୀ ଯୋଗଦେଇଥିଲେ। କ୍ଲବ୍‌ର ସଭାପତି ଅଜୟ ବେହେରା, ସମ୍ପାଦକ ନିରୋଞ୍ଜନ ଜାମୁଦା, କୋଷାଧକ୍ଷ ରାମଚନ୍ଦ୍ର ମୁଣ୍ଡା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଅବକାରୀ ବିଭାଗର ଅବସରପ୍ରାପ୍ତ ଡେପୁଟି କମିଶନର ଉମ୍ବରୁଧର ଖଣ୍ଡା ଯୋଗଦେଇ ଚମ୍ପିୟନ ଦଳକୁ ନଗଦ ୭୦ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

### ଆରପଟା ଚାମ୍ପିୟନ

ଗୋପବନ୍ଧୁନଗର, ୬।୧୧ (ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଅନ୍ତର୍ଗତ ମାଙ୍କଡ଼କେନ୍ଦାଠାରେ ୩୩ତମ ଦୁଇ ଦିନିଆ ଫୁଟବଲ ଟୁର୍ନମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆରପଟା ସ୍ପୋର୍ଟସ କ୍ଲବ ଟାଙ୍ଗଣାକୁ ହରାଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ପରିଚାଳନା କମିଟିର ସଭାପତି ବନମାଳୀ ସିଂ, ସମ୍ପାଦକ ବାଦଲ ସିଂଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଗୋପବନ୍ଧୁ ନଗର,୬।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପଶୁଦା ପଞ୍ଚାୟତର ଘାଘରା ନେହେରୁ ଯୁବକ ସଂଘ ପକ୍ଷରୁ ଆୟୋଜିତ ୨ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ପୋଲିସ କର୍ମଚାରୀ ରବୀନ୍ଦ୍ର ପୁଥାଳ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆହାରବନ୍ଧ ଦଳକୁ ପରାସ୍ତ କରି ଡିକେ ୟୁଥ କ୍ଲବ କନ୍ହେଇବନ୍ଧ ଚାମ୍ପିୟନ ହୋଇଥିଲା। କ୍ଲବର ସଭାପତି ଦୋଳଗୋବିନ୍ଦ ନାଏକ, ସମ୍ପାଦକ ଶିବ ସିଂ, ବୀରଭଦ୍ର ନାଏକ, ରାଜେଶ ନାଏକ, ବିଜୟ ମିରିଡିଆ, ରତିକାନ୍ତ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିମାଇଁ ସୋରେନ ଓ ସମିତି ସଭ୍ୟ ଭୀମ ସୋରେନ ଯୋଗଦେଇ ବିଜୟୀ ଦଳକୁ ୧୦ ହଜାର ଓ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ।

### ସରିଲା ଲିଗ୍ ପର୍ଯ୍ୟାୟ, ୮ରୁ ସୁପର ଲିଗ୍ ମ୍ୟାଚ୍

**ବାଲେଶ୍ୱର ଫୁଟବଲ ଲିଗ୍**

ବାଲେଶ୍ୱର ଅଫିସ, ୬।୧୧

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ଚାଲୁଥିବା ବାଲେଶ୍ୱର ସିନିୟର ଫୁଟବଲ ଲିଗ୍ ଟୁର୍ନାମେଣ୍ଟରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି। ଆସନ୍ତା ୮ ତାରିଖରୁ ସୁପର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ।

ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ବିଂଶତମ ଖେଳରେ ମିଶନ ଟାଇଗର କ୍ଲବ ଓ ଯବାନ ମାର୍ଶଲ କ୍ଲବ ମୁହାଁମୁହିଁ ହୋଇଥିଲେ। ମିଶନ ଟାଇଗର କ୍ଲବ ଦଳର ଶୁକୁଲ, ମିନା, ଗୋପାଳ ଓ ବାଗୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଫଳରେ ମିଶନ ଟାଇଗର କ୍ଲବ ଯବାନ ମାର୍ଶଲ କ୍ଲବକୁ ୪/୦ ଗୋଲ ଦେଇ ବିଜୟୀ ହୋଇଥିଲା। ସେହିପରି ଅପରାହ୍ନରେ ଅନୁଷ୍ଠିତ ଏକବିଂଶତମ ମ୍ୟାଚ୍ ମଧୁସୂଦନ କ୍ଲବ ବନାମ ଦିବ୍ୟାଂଶୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେମଟୁ ସିଂ, ରୋସନ ସିଂ, ମାନସ ରାଉତ ଓ ଲିପୁ ସୋରେନଙ୍କ ଗୋଲ ସ୍କୋର ବଳରେ ମଧୁସୂଦନ କ୍ଲବ ୪/୦ ଗୋଲରେ ବିଜୟୀ ହୋଇଥିଲା। ଉଭୟ ମ୍ୟାଚ୍‌କୁ ସଲୀଲ ସିଂ, ପ୍ରଦୀପ କୁମାର ଦାସ, ଚିରଞ୍ଜିତ ମାନ୍ନା, ଅଶୋକ କର ଓ କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଅଲୋଡ଼ା ଐତିହ୍ୟ ଓଡ଼ିଆ ଶିଳ୍ପୀଙ୍କୁ ଅଣଆଡ଼ିଆ କରିଦେଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟରେ ଓଡ଼ିଶା

■ ଗଜପତି ନିଜ କୋଷାଗାରରୁ ଶିଳ୍ପୀଙ୍କୁ ଉପହାର ଦେଇଥିଲେ
■ ଯଜ୍ଞଶାଳା ପ୍ରସ୍ତୁତିରେ ପଥୁରିଆଣୀଙ୍କର ସହଯୋଗ ଥିଲା


ଶ୍ରୀମନ୍ଦିର ସମ୍ମୁଖରେ ଶୋଭା ପାଉଥିବା ଅରୁଣ ସ୍ତମ୍ଭ। ଫଟୋ: ଯଜ୍ଞେଶ୍ୱର ମହାନ୍ତି

ଆମେ 'ବଢ଼େଇ' ଶବ୍ଦର ରହସ୍ୟ ପ୍ରସଙ୍ଗରେ ସୂଚନା ଦେଇଥିଲୁ। ପଥରସୁଆଁସିଆଙ୍କର କାର୍ଯ୍ୟ ଅନୁଶୀଳନ କଲେ ଜଣାଯାଉଛି ସେମାନେ ବଢ଼େଇ ନ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ମଧ୍ୟରୁ ୫୩୦ଜଣ ଯୁବଶିଳ୍ପୀ ଗଜପତିଙ୍କ ସହିତ ବିଜୟକୋଣ୍ଡା (ବିଜୟୱାଡ଼ା) ଯାଇଥିଲେ। ବିଜୟୱାଡ଼ା ସେତେବେଳେ ଆମ ସାମ୍ରାଜ୍ୟଭୁକ୍ତ ଥିଲା। ରେଣ୍ଡିଆଶିଳ୍ପୀ ସୈନ୍ୟବାହିନୀରେ ଯୋଗଦେବାକୁ ଯାଇଥିଲେ। ପୂର୍ବରୁ ଆମେ ଏହା ସୂଚନା ଦେଇଥିଲୁ। ମନ୍ଦିର ନିର୍ମାଣ ଆରମ୍ଭ ବେଳର କଥା ଇୟେ। ସେମାନେ ଗଜପତିଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଇଥିଲେ। ଫେରିବା ପରେ ସେମାନେ ନିଜ ନିଜ ଗାଁକୁ ଯାଇ ନ ଥିଲେ। କୋଣାର୍କକୁ ଆସିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

ନିଯୁକ୍ତ ହୋଇଥିବା ଯୁବ ପଥୁରିଆଙ୍କ ସଂଖ୍ୟା ଥିଲା ୩୪୦ ଓ ଯୁବ ପାଇଟିଆଳ ଯେଉଁମାନେ କି ପଥୁରିଆଙ୍କୁ ସାହାଯ୍ୟ କରୁଥିଲେ ସେମାନେ ଥିଲେ ୨୭୩ ଜଣ। ମୋଟ ୬୧୩ଜଣ। ବିଜୟୱାଡ଼ା ଯାଇଥିଲେ ୫୩୦ ଜଣ। ଆଉ ଅଧିକ ୮୩ଜଣ ଏମାନଙ୍କ ସହ ସାମିଲ ହେଲେ ସୈନ୍ୟବାହିନୀରୁ। ସେମାନେ ନିର୍ମାଣ କାର୍ଯ୍ୟର ଯଥେଷ୍ଟ ଅଗ୍ରଗତି ହେବା ପରେ କାର୍ଯ୍ୟରୁ ଛୁଟିନେଇ ଗାଁକୁ ଫେରିଯିବାକୁ ଇଚ୍ଛା କରିଥିଲେ। ଗଜପତି ଜାଣିବା ପରେ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧ ହଜାର ୩୪ଟି ସୁନାମାଢ଼ ଦେଇଥିଲେ। ସାଙ୍ଗରେ ଚାଉଳ, ମୁଗ ନେଇ ଘରକୁ ଯିବାକୁ ଅନୁମତି ଦେଇଥିଲେ। ଏହା କୋଣାର୍କ କୋଷାଗାର (ଟ୍ରେଜେରି)ରୁ ଦିଆଯାଇ ନ ଥିଲା। ଗଜପତି ନିଜ କୋଷାଗାରରୁ ଦେଇଥିଲେ। ଏଇଠି ପୋଥି ଲେଖକ ଲେଖୁଛନ୍ତି ସେମାନଙ୍କୁ ଗଣ୍ଠିଲି ଭର୍ତ୍ତି କରି କିଛି ଦରବ ଦିଆଯାଇଥିଲା। ସେ ଦରବ କ'ଣ ମୁଁ ଜାଣି ନାହିଁ। ଏସବୁ ଲେଖିବାର ଉଦ୍ଦେଶ୍ୟ ଗଜପତି ନିର୍ଯାତନା ଦେଉ ନ ଥିଲେ। ଆଦର କରୁଥିଲେ। ଆଦର କରୁ ନ ଥିଲେ ଉପହାର ଦେଇ ସମ୍ବର୍ଦ୍ଧିତ କରି ନ ଥାନ୍ତେ।

ଯୁବ ପଥୁରିଆ ଯେଉଁ ଯେଉଁ ଦଣ୍ଡପାଟ, ଗଡ଼, ଗାଁରୁ ଆସିଥିଲେ ଦାମ ଜେନା ତା'ର ମଣତି ଦେଇଥିଲେ। ଆମେ ତାଲିକା ଦେଇଥିଲୁ। ସେଗୁଡ଼ିକ ସବୁ ଓଡ଼ିଶା ଭୂଖଣ୍ଡର।

ବଢ଼େଇ ଏବଂ ଶିଳ୍ପୀ ମହାରଣା ଶବ୍ଦ ଅଲଗା ଅଲଗା ବ୍ୟବହାର ହୋଇଥିବାର ଦେଖାଯାଏ। ପଥର କାମ ସହିତ ଶିଳ୍ପୀମାନଙ୍କୁ 'ମହାରଣା' କୁହାଯାଇଛି। କାଠକାମ ଶିଳ୍ପୀଙ୍କୁ 'ବଢ଼େଇ' ଶବ୍ଦରେ ବର୍ଣ୍ଣନା କରାଯାଇଛି। ତିନୋଟି କାଠ ଦ୍ୱାର ତିଆରି କରିଥିବା ୮ଜଣଙ୍କୁ 'ବଢ଼େଇ' କୁହାଯାଇଛି। ପଥର ମହାରଣା ଓ ବଢ଼େଇ ମହାରଣାଙ୍କ କାମ ସମ୍ପୂର୍ଣ୍ଣ ଅଲଗା ଅଲଗା ବର୍ଣ୍ଣନା କରାଯାଇଛି। ଠିକ୍ ସେମିତି ପାଇଟିଆଳ, ସୁଆଁସିଆ ଶବ୍ଦ ଅଲଗା ଅଲଗା ବ୍ୟବହାର କରାଯାଇଛି। ଏମାନେ ମୂଲିଆ ଭାବରେ ଅର୍ଥାତ୍ ଶିଳ୍ପୀଙ୍କ ସହଯୋଗୀ ଭାବରେ କାମ କଲାବେଳେ ପଥର ସୁଆଁସିଆ ଭାବରେ ଚିହ୍ନିତ ହୋଇଛନ୍ତି। ନାରୀମାନଙ୍କ କ୍ଷେତ୍ରରେ, 'ପଥୁରିଆଣୀ' ଶବ୍ଦ ବ୍ୟବହାର ହୋଇଛି। ପାଇଟିଆଳ ନାରୀ ଓ ପୁରୁଷ ଉଭୟ ଥିଲେ।

## ମନ୍ଦିର ପ୍ରାଙ୍ଗଣରୁ ମହିଳା ଉଦ୍ଧାର

**ବାଲେଶ୍ୱର ଅଫିସ:** ବାଲେଶ୍ୱର ବାଲିଆ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଅସହାୟ ଅବସ୍ଥାରେ ଜଣେ ମହିଳାଙ୍କୁ ଉଦ୍ଧାର କରି ରାମେଶ୍ୱର ମନ୍ଦିର କମିଟି ସଦସ୍ୟ ସହଦେବ ଖୁଣ୍ଟିଆ ଥାନା ଜିମା ଦେଇଛନ୍ତି। ମହିଳାଙ୍କ ଘର ସୋର ସବିରା ଅଞ୍ଚଳରେ। ତାଙ୍କ ନାମ ରଙ୍ଗଲତା ପଣ୍ଡା। ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଇ ଘରୁ ବାହାର କରିଦେଉଥିବା ବେଳେ ସେ ବର୍ଷକର ଝିଅକୁ ଧରି ରାସ୍ତାରେ ବୁଲୁଥିଲେ। ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିବାରୁ ସେ ଦୌଡ଼ି ମନ୍ଦିର ଭିତରେ ପଶିଯାଇଥିଲେ। ମନ୍ଦିର କମିଟି ସଦସ୍ୟ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ।

**ଆରମ୍ଭ ହେଲା ପର୍ଯ୍ୟଟନ ଋତୁ**

■ପରିମଳ, ପାନୀୟ ଜଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

■ଉଦ୍ଘାଟନ ଦିନଠାରୁ ମ୍ୟୁଜିୟମ ବନ୍ଦ

# ଅନ୍ଧାରରେ ସାନଘାଗରା

କେନ୍ଦୁଝର,୬।୧୧(ସ୍ୱ.ପ୍ର.)

ଶୀତର ଆଗମନ ସହିତ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଛି। ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରସବୁ ଜମଜମାଟ ହେଉଛି। ତେବେ ରାଜ୍ୟର ପ୍ରସିଦ୍ଧ ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରର ଅବସ୍ଥା ଏ ପର୍ଯ୍ୟନ୍ତ ସୁଧୁରି ନାହିଁ। ଏହାର ବିକାଶ ପାଇଁ ସ୍ଥାନୀୟ ପ୍ରଶାସନ, ପର୍ଯ୍ୟଟନ ବିଭାଗ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ କିଛି ବର୍ଷ ହେଲା ପରିସର ଅନ୍ଧକାରରେ ରହିଛି। ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଏଥିସହ ଏଠାରେ ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ମିଳୁ ନ ଥିବାରୁ ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଏହାର ତଦାରଖ ପାଇଁ ସାନଘାଗରା ଉନ୍ନୟନ କମିଟି ଗଠନ କରାଯାଇଛି। ପର୍ଯ୍ୟଟକ ସାନଘାଗରା ଜଳପ୍ରପାତର ମନୋରମ ଦୃଶ୍ୟ ଦେଖିବା ସହ ଏହାର ସବୁଜିମା ପରିସର ବୁଲି ଭୋଜିଭାତ କରିବାକୁ ଆସିଥାନ୍ତି। ବୋଟିଂରେ


ସାନଘାଗରା ଜଳପ୍ରପାତ।

ମଜା ମଧ୍ୟ ଉଠାଇଥାନ୍ତି। ମାତ୍ର ପର୍ଯ୍ୟଟକ କେନ୍ଦ୍ର ପରିସରରେ ଗତ କିଛି ବର୍ଷ ହେଲା ବିଦ୍ୟୁତ୍ ବ୍ୟବସ୍ଥା ଅଚଳ ହୋଇ ପଡ଼ିଥିବା ବେଳେ ପରିସରରେ ଲାଗିଥିବା ୬ଟି ସୋଲାର ସିଷ୍ଟମ୍ ମଧ୍ୟ କାମ କରୁନି। ଏସବୁ ଯୋଗାଇଥିବା ସଂସ୍ଥା ମରାମତି ପ୍ରତି ଧ୍ୟାନ ଦେଉ ନ ଥିବାରୁ ଏଠାରେ ଅନ୍ଧକାର ରାଜ୍ କରୁଛି। ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ଉକ୍ତ ଅଞ୍ଚଳରେ ହାତୀ ଓ ଅନ୍ୟ ପ୍ରାଣୀଙ୍କ ଚଳପ୍ରଚଳ ରହୁଥିବାରୁ ଅନ୍ଧାରରେ ଅଘଟଣ ଘଟିବା ଆଶଙ୍କା ରହୁଛି। ପାର୍କିଂ ୟାର୍ଡ ମଧ୍ୟ ଅନ୍ଧାର ରହୁଛି। ପରିସରରେ ସିସିଟିଭି କ୍ୟାମେରା ଏବଂ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଏଥିସହ ଶୁଦ୍ଧ ପାଣି ମିଳୁ ନ ଥିବା ବେଳେ ଶୌଚାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପରିସରରେ ପର୍ଯ୍ୟଟକଙ୍କ ପାଇଁ ବହୁ ଲକ୍ଷ ଟଙ୍କା ବ୍ୟୟରେ ଆଦିବାସୀ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଛି। କିନ୍ତୁ ଏହା ଉଦ୍ଘାଟନ ହେବା ଦିନଠାରୁ ବନ୍ଦ ରହିଛି। ଉକ୍ତ ପର୍ଯ୍ୟଟନ କେନ୍ଦ୍ରରେ ପ୍ରବେଶ ପାଇଁ ଫି' ଦେବାକୁ ପଡ଼ିଥାଏ। ଏହା ସହିତ ବୋଟିଂ, ପାର୍କିଂ, ଭୋଜି ଆଦି ପାଇଁ ଫି' ଆଦାୟ କରାଯାଉଛି। ମାତ୍ର ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସାନଘାଗରା ଜଳପ୍ରପାତ ହେଉଛି ରାଜ୍ୟ ପ୍ରସିଦ୍ଧ। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ପର୍ଯ୍ୟଟକ ଆସୁଛନ୍ତି। ଆଗରୁ ଏହାର ରକ୍ଷଣାବେକ୍ଷଣ ତଥା ଏଣ୍ଟ୍ରି ଫି' ଆଦାୟ ପାଇଁ ଟେଣ୍ଡର କରାଯାଉଥିଲା। କିନ୍ତୁ ଟେଣ୍ଡର ବ୍ୟବସ୍ଥାକୁ ବନ୍ଦ କରି ନିଜେ ପ୍ରଶାସନ ଦାୟିତ୍ୱ ନେଉଥିବାରୁ ରାଜସ୍ୱ ଆଦାୟ କମିବା ସହ ପର୍ଯ୍ୟଟକଙ୍କ ସମସ୍ୟା ବଢ଼ୁଛି ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଧାଧର ବେହେରା କହିଛନ୍ତି। ଏ ନେଇ ଉପଜିଲାପାଳ ତଥା ସାନଘାଗରା ଉନ୍ନୟନ କମିଟିର ସଭାପତି ରାମଚନ୍ଦ୍ର କିସ୍କୁ କହିଛନ୍ତି ଯେ, ବିଦ୍ୟୁତ୍ ବ୍ୟବସ୍ଥା ସୁଧାରିବା ପାଇଁ ପଦକ୍ଷେପ ନିଆଯାଉଛି। ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷାକୁ ଧ୍ୟାନ ଦିଆଯାଉଛି। ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କୁହନ୍ତି, ସେ ନିଜେ ଯାଇ ବିଦ୍ୟୁତ୍ ଓ ସୋଲାର ଲାଇଟ୍ ମରାମତି କରିବା ପାଇଁ ପଦକ୍ଷେପ ନେଇଛନ୍ତି।


ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ଅରୁଣ


@ମହେନ୍ଦ୍ର


@ଜଗଜିତ୍


@ନିରଞ୍ଜନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


## ସଂକ୍ଷେପରେ

### ଜେସିବି ଜବତ, ୪ ଲକ୍ଷ ଜରିମାନା ଆଦାୟ

ବଡ଼ସାହି, ୬।୧୧: ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ବୁଢ଼ାବଲଙ୍ଗ ଓ ଗଙ୍ଗାହାର ନଦୀରୁ ବେଆଇନ ଭାବେ ବାଲି ଚୋରି ହେଉଛି। ସେହିପରି ସାକୁଆ ନଦୀରୁ ଜେସିବି ମେଶିନ ସହାୟତାରେ ବାଲି ଉତ୍ତୋଳନ ପରେ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଖବରପାଇ ସ୍ଥାନୀୟ ତହସିଲଦାର ଅଚାନକ ଚଢ଼ାଉ କରି ବ୍ୟବହୃତ ଜେସିବି ମେଶିନକୁ ଜବତ କରିବା ସହ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛନ୍ତି। ତହସିଲଦାରଙ୍କ ଚଢ଼ାଉକୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି।

### ଏଡ୍ସ ସଚେତନତା

ବାସୁଦେବପୁର,୬।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ କଲେଜ ରୋଡ୍‌ରେ ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ପକ୍ଷରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଆୟୁଷ ଡାକ୍ତର ମନୋଜ କୁମାର ମିଶ୍ର ଉଦ୍ଘାଟନ କରିଥିଲେ। ଏଡ୍ସର ଭୟାବହତା ସମ୍ପର୍କରେ ସେ ମତ ରଖି ଏହାର ନିରାକରଣ ଦିଗରେ ନିଆଯାଉଥିବା ପଦକ୍ଷେପ ବିଷୟରେ ଅବଗତ କରାଇବା ସହ ସଚେତନତାକୁ ସ୍ୱାସ୍ଥ୍ୟ ବିଭାଗ ଓ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୌରପାଳିକାର ଭାଇସ୍ ଚେୟାରମ୍ୟାନ ଉତ୍ତମ କୁମାର ବାରିକ, ସଂଘର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦୀକ୍ଷିତ, ସମ୍ପାଦକ ପର୍ଶୁରାମ ନାୟକ, ଜଗନ୍ନାଥ ଯୁବକ ସଂଘ ସଭାପତି ପୀତାମ୍ବର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ ଅଧିକାରୀ ମନୋଜ ବାରିକ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ବଳରାମ ପାତ୍ର, ସର୍ବେଶ୍ୱର ମହାନ୍ତି, ନମିତା ବଳ, ଲକ୍ଷ୍ମୀମଣି ବେହେରା, ସୁପ୍ରଭା ବେହେରା, ଜୟଲଳିତା ମାଇତି, ରୀତା ମାହୁନ୍ତ, ପୂଜା ରଣା, ତାପସ ବାରିକ, ନୀଳାମ୍ବର ପାତ୍ର, ଶୀତଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାଳୀପୂଜାରେ ଆସିଥିବା ଶ୍ରଦ୍ଧାଳୁ, ଦର୍ଶକଙ୍କୁ ସଚେତନତା ବାର୍ତ୍ତା ପ୍ରଚାରପତ୍ର ବଣ୍ଟନ କରିଥିଲେ।

# ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ଖଇରା, ୬।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନାସ୍ଥିତ ବିବେକାନନ୍ଦ ସେବା ସଂସ୍ଥାନ ପକ୍ଷରୁ ରବିବାର ସ୍ଥାନୀୟ ଦୁର୍ଗାମଣ୍ଡପ ଠାରେ ବାଲେଶ୍ୱର ଓ ଭଦ୍ରକ ଜିଲାର ୯୦ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ସୁନାମଧନ୍ୟ ଚିକିତ୍ସକ ଡା ଦାମୋଦର ପଣ୍ଡା ମୁଖ୍ୟଅତିଥି, ରେଭେନ୍ସା କଲେଜର ପୂର୍ବତନ ପ୍ରଫେସର ଡଃ ସଚ୍ଚିନ୍ଦ୍ର ରାଉଳ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପଦ୍ମଲୋଚନ ବିଶ୍ୱାଳ ଓ ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ଆଗକୁ ବଢ଼ିବାକୁ



ଅତିଥିମାନେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପ୍ରେରଣା ଦେଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିବେକାନନ୍ଦ ସେବା ସଂସ୍ଥାର ମୁଖ୍ୟ ଅବସରପ୍ରାପ୍ତ ବାୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ। ଏହି ପ୍ରତିଭାଧାରୀଙ୍କ ମଧ୍ୟରେ ଜିଲାର ବିଶିଷ୍ଟ କବି, ଖବରଦାତା, ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା ପାଇଁ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର, କ୍ରୀଡାବିତ, ସଫଳତା ହାସଲ କରିଥିବା କଲେଜ ଓ ଅଧ୍ୟାପକ, ଓପିଏସ୍‌ସି ପରୀକ୍ଷାରେ ସଫଳତା ଲାଭ କରିଥିବା ମେଧାବୀ ସ୍ଥାନ ପାଇଥିବା ଜଣାଯାଇଛି।

# ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ସମାବେଶ

ବାରିପଦା ଅଫିସ,୬।୧୧

ଓଡ଼ିଶା ଆଉଟସୋର୍ସିଂ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଚାକିରି ନିୟମିତ ଦାବିରେ ବାରିପଦାଠାରେ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ଆଉଟସୋର୍ସିଂ କର୍ମଚାରୀମାନଙ୍କ ଚାକିରି ସ୍ଥାୟୀ କରାଯିବା, ଦରମା ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କର୍ମଚାରୀମାନଙ୍କୁ ନିୟମିତ କରିବା ସହ ରାଜ୍ୟରୁ ଠିକା ପ୍ରଥାକୁ ମୁଳୋତ୍ପାଟନ କରାଗଲା ବୋଲି ସରକାର ଯେଉଁ ଘୋଷଣା କରିଛନ୍ତି ତାହା ପ୍ରତାରଣା ପୂର୍ଣ୍ଣ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ନିୟମିତ କରିବା ଦାବିକୁ ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏଥିରେ ଜିଲାର ଅନେକ ସରକାରୀ ଆଉଟସୋର୍ସିଂ କର୍ମଚାରୀ ଯୋଗଦେଇଥିଲେ।

# ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ୍ ତାର ଚୋରି

ପାଟଣା,୬।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ କୂଳରୁ ତଣ୍ଡ ଡୁମୁରିଆକୁ ସଂଯୋଗ ହେଉଥିବା ବିଦ୍ୟୁତ୍ ଲାଇନ୍‌ରୁ ତାର ଚୋରି ହୋଇଛି। ଏ ନେଇ ପାଟଣା ଥାନାରେ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାଶ ଅଭିଯୋଗ କରିଛନ୍ତି। ୧୧ କେଭି ବିଦ୍ୟୁତ୍ ଲାଇନ୍‌ର ୧୨ ଟି ସ୍ଥାନରୁ ୧୭ ଶହ ମିଟରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ତାରକୁ ଦୁର୍ବୃତ୍ତ ନେଇଯାଇଥିବା ବେଳେ ଏହାର ର ମୂଲ୍ୟ ୧ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଯନ୍ତ୍ରୀ କହିଛନ୍ତି। ସୂଚନା ମୁତାବକ, ଏହି ବିଦ୍ୟୁତ୍ ବୈତରଣୀ ନଦୀ କୂଳରେ ଥିବା ଏଲ୍‌ଆଇ ପଏଣ୍ଟକୁ ସଂଯୋଗ ହେବା ପାଇଁ ଉଦ୍ଦିଷ୍ଟ ଥିଲା। ଏ ନେଇ ଡୁରୁମୁଙ୍ଗା ଏସ୍‌ଡିଓ ବିରସିଂ ସୋରେନଙ୍କୁ ପଚାରିବାରୁ ଜମି ବିବାଦ ଥିବାରୁ ବିଦ୍ୟୁତ୍ ଚାର୍ଜ ହୋଇପାରିନାହିଁ ବୋଲି କହିଥିଲେ।

**ହରିଶ୍ଚନ୍ଦ୍ର ଅନୁଦାନ ଆତ୍ମସାତ୍ ଘଟଣା**

# ବାଲିବରେଇ ପୂର୍ବତନ ପିଇଓ ଅଟକ

ହାଟଡିହୀ,୬।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଅନୁଦାନ ଆତ୍ମସାତ୍ ଘଟଣାରେ ସୋସୋ ପୋଲିସ ପୂର୍ବତନ ପିଇଓ ନରହରି ନାୟକଙ୍କୁ ଅଟକ ରଖିଛି। ହାଟଡ଼ିହୀ ବିଡିଓ ବିନିତା ବିଜୟିନୀଙ୍କ ଅଭିଯୋଗ କ୍ରମେ ପୂର୍ବତନ ସରପଞ୍ଚ ପ୍ରତିଭା ନାୟକ, ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନାୟକ, ଗ୍ରାମ ରୋଜଗାର ସେବକ(ଜିଆରଏସ) ପୂର୍ଣ୍ଣେନ୍ଦୁ ଆଟୋଇଙ୍କ ନାମରେ ନଂ. ୧୭୮/୨୦୨୨ରେ ମାମଲା ରୁଜୁ ହୋଇଥିଲା। ଜିଲା ପ୍ରଶାସନ ଅଭିଯୁକ୍ତ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ବିଡିଓଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ**

ଘଟଣାକୁ ନେଇ ଆନନ୍ଦପୁର ସିଭିଲ୍ ସୋସାଇଟିର ସମ୍ପାଦକ ତଥା ଆଇନଜୀବୀ ଭଗବାନ ମଲିକ ହାଟଡ଼ିହୀ ବିଡିଓ ବିନିତା ବିଜୟିନୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ବିଡିଓ ୧ ଏପ୍ରିଲ ୨୦୨୧ରୁ ୩୦ ଜୁଲାଇ ୨୦୨୨ ମଧ୍ୟରେ ୧ ଲକ୍ଷ ୨୬ ହଜାର ଟଙ୍କା ଅନୁଦାନ ଆତ୍ମସାତ୍ ହୋଇଥିବା ମାମଲାରେ ଉଲ୍ଲେଖ କରିଛନ୍ତି। ଜଣେ ସରପଞ୍ଚ ଓ ପିଇଓଙ୍କ ନାମରେ ମାମଲା ରୁଜୁ ହୋଇଛି। କିନ୍ତୁ ଏହି ସମୟ ମଧ୍ୟରେ ଆହୁରି ଜଣେ ସରପଞ୍ଚ ଏବଂ ପିଇଓ ମଧ୍ୟ ଥିଲେ। କିନ୍ତୁ ତାଙ୍କ ଭୂମିକା ସମ୍ପର୍କରେ କିଛି ବି ଉଲ୍ଲେଖ ହୋଇନି। ଅନ୍ୟପକ୍ଷେ ଏକକାଳୀନ ଲକ୍ଷାଧିକ ଟଙ୍କା ଉଠାଣ ହୋଇଛି। ଏଥିରେ ବିଡିଓ ଦୁଇ ଥର ଦସ୍ତଖତ କରିବା ପରେ ବି କେମିତି ଅନିୟମିତତା କଥା ଜାଣିପାରିଲେନି। ତଦନ୍ତ ସମୟରେ ଏ ସବୁ ଅନୁଧ୍ୟାନ ହୋଇଥିଲା କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଘଟଣାରେ ବିଡିଓଙ୍କୁ ତଦନ୍ତ ପରିସରଭୁକ୍ତ କରି ମାମଲା ରୁଜୁ କରାଯାଉ ବୋଲି ସେ କହିଛନ୍ତି। ବିଡିଓଙ୍କ ମତାମତ ପାଇଁ ଫୋନ୍ କରାଯାଇଥିବା ବେଳେ ସେ ଫୋନ ଉଠାଇ ନ ଥିଲେ।

# ଏଏପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଯୋଡ଼ା,୬।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ାଠାରେ ରବିବାର ଆମ ଆଦମୀ ପାର୍ଟି (ଏଏପି)ତରଫରୁ ସ୍ଥାନୀୟ ରମଜାନ ହାଟିଂ ସ୍ଥିତ ଗୋଷ୍ଠୀ କେନ୍ଦ୍ରରେ ବ୍ଲକ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଆବାହକ ମନୋରଞ୍ଜନ ପଲେଇଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଜିଲା ଆବାହକ ଆଇନଜୀବୀ ମେଘନାଥ ମାଝୀ, ଜିଲା ସହ ଆବାହକ ଜୈନୁଲ ଆବେଦିନ, ଜିଲା ସଂଗଠନ ସମ୍ପାଦକ ଭବାନୀଶଙ୍କର ମହାନ୍ତ ଉପସ୍ଥିତ ରହି ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ବ୍ଲକ୍ ଖଣିଜ ସମ୍ପଦରେ ଭରପୁର ରହିଛି। କିନ୍ତୁ ଏଠାର ଯୁବତୀଯୁବକ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଅଞ୍ଚଳବାସୀ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ରହିଛନ୍ତି ବୋଲି କହିଥିଲେ। ତେଣୁ ଆମ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ମଡେଲକୁ ଅଞ୍ଚଳରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ସହଦେବ ବେହେରା, ଚନ୍ଦ୍ରଶେଖର ଲାଗୁରୀ, କାଳୀଚରଣ ବେହେରା, ପୂର୍ଣ୍ଣ ମୁଣ୍ଡା, ବିରିକଳା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁକଲାଲ ହାଁସଦା, ଦେବ ମହାନ୍ତ, ଚୈତନ୍ୟ ମୁଣ୍ଡା, ପ୍ରଭାତୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଅବ୍ୟବସ୍ଥାରେ ସରିଲା ଶିଶୁ ମହୋତ୍ସବ ସୁରଭି



ଉଦ୍‌ଯାପନୀ ସଭାରେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉଦ୍‌ବୋଧନ ଦେଉଛନ୍ତି।

ଔପଦା, ୬।୧୧

ଔପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବ୍ୟବସ୍ଥାରେ ଶେଷ ହୋଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ପ୍ରତିଭା ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ। ଔପଦା ବିଇଓ ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିମ୍ବିସ୍ୱା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ୧ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ପୁନି ସିଂ, ତଳକିଆ ସରପଞ୍ଚ ଦିପ୍ତୀରାଣୀ ନାୟକ, ଏବିଇଓ ରତ୍ନାକର ଦାସ, ସୀତା ହାଁସଦା, ଔପଦା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ ସାହୁ ଔପଦା ଉଚ୍ଚ ବିଦ୍ୟାଳୟ ୫-ଟିରେ ସାମିଲ ହୋଇଥିଲେ ମଧ୍ୟ ଏଠାରେ ଏକ ବଗିଚା ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକସ୍ତରୀୟ ଥିବା ୧୧ଟି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଆସିଥିବା ବେଳେ ବସିବା ପାଇଁ ସ୍ଥାନ ପାଇ ନ ଥିଲେ। ଖବରଦାତାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ସାଧନ କେନ୍ଦ୍ରରୁ ମନୋନୀତ ହୋଇ ଆସିଥିବା ୨୭୧ ଛାତ୍ରୀଛାତ୍ର ବୁଦ୍ଧିପରୀକ୍ଷା, ଗଳ୍ପ ଲିଖନ, ଓଡ଼ିଆ ହସ୍ତଲିଖନ, ଚିତ୍ରାଙ୍କନ, ସଙ୍ଗୀତ, ଗଳ୍ପ ଲିଖନ, ବକ୍ତୃତା, ତର୍କ, ସୃଜନଶୀଳ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଔପଦା ବ୍ଲକ ରନର୍ସ ଅପ ହୋଇଥିବାରୁ ଏହି ଟିମ୍‌କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଷ୍ଟା ଶିକ୍ଷକ ସଂଘର ଔପଦା ବ୍ଲକ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଶିକ୍ଷକନେତା ସୁରେନ୍ଦ୍ର ପ୍ରସାଦ ବେହେରା, ଉମାଶଙ୍କର ନାୟକ, ସିଆର୍‌ସିସି ଓ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।

# ଖର୍ଚ୍ଚ ହେଲା ୧୭ଲକ୍ଷ, ଟଙ୍କାକର ଫାଇଦା ନାହିଁ

ଖଇରା, ୬।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମ ନିକଟରେ ଥିବା ପଏଣ୍ଟ-୨ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୧୭ଲକ୍ଷ ଖର୍ଚ୍ଚ ପରେ ମଧ୍ୟ କାମରେ ଲାଗୁନି। ବର୍ତ୍ତମାନ ଆସନ୍ନ ମରୁଡି ପରିସ୍ଥିତିରେ ଜମିକୁ ପାଣି ମାଡ଼ି ପାରୁ ନ ଥିବାରୁ ଶତାଧିକ ଚାଷୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ମରାମତି କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିର୍ଜାପୁର ଗ୍ରାମର ଚାଷୀ କେଶବ ଚନ୍ଦ୍ର ନାୟକ, ସନାତନ ବାରିକ, ପୂର୍ଣଚନ୍ଦ୍ର ବାରିକ, ଉମାକାନ୍ତ ନାୟକ, ଭାଗିରଥୀ ପତି, ସନାତନ ଖୁଣ୍ଟିଆ ପ୍ରମୁଖ ଚେତାବନୀ ଦେଇଛନ୍ତି। ଉକ୍ତ ପ୍ରକଳ୍ପଟି ୧୦ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ ଏବେ ଅଚଳ ହୋଇ ପଡ଼ିଥିବାରୁ ଚାଷୀମାନେ ପୁନର୍ନିର୍ମାଣ



ମିର୍ଜାପୁର ପମ୍ପ ହାଉସ୍।

ପାଇଁ ଅଭିଯୋଗ କରିଥିଲେ। ପୁନଶ୍ଚ ୮ମାସ ତଳେ ୧୭ଲକ୍ଷ ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ପୁନର୍ନିର୍ମାଣ କରାଯାଇଥିଲା। ପାଖାପାଖି ୧୦ଏକର

**ମିର୍ଜାପୁର ଉଠା ଜଳସେଚନ ପ୍ରକଳ୍ପ ଅଚଳ**

ଚାଷ ଜମିକୁ ପାଣି ମଡ଼ାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଖର୍ଚ୍ଚ ହେବା ପରଠାରୁ ଦିନେ ବି ପାଣି ମାଡ଼ି ନ ଥିବା ନେଇ ଚାଷୀମାନେ କହିଛନ୍ତି। କିଛି ଦିନ ତଳେ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିବା ପରେ ମରାମତି କରାଯାଇଥିଲା। ହେଲେ ଦିନେ ଚାଲିବା ପରେ ପୁଣି ଅଚଳ ହୋଇ ରହିଛି। ଏବେ ପାଣି ଶୁଖି ଜମି ଫାଟିଲାଣି। ଏ ସମ୍ପର୍କରେ ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଦେଙ୍କୁ ପଚାରିବାରୁ ଚାଷୀମାନଙ୍କ ଅଭିଯୋଗ ପରେ ମରାମତି ହୋଇଥିଲା। ଏବେ ପୁନର୍ବାର ଯଦି ଅଚଳ ହୋଇଛି ପୁଣିଥରେ ସଜାଡାଯିବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

